APPENDIX-X



From :-

Bhabagrahi Biswal,
Centre of Advanced Study in Education
M. S. University of Baroda
BARODA - 390002 ( Gujrat.)

To

______________________

ଶ୍ରଦ୍ଧେୟ ବନ୍ଧୁ,

ନିକଟରେ ତୁମେ କେତେଗୁଡିଏ ଆକାଶବାଣୀ ବିଦ୍ୟାଳୟ କାର୍ଯ୍ୟକ୍ରମ ତୁମ ଶ୍ରେଣୀରେ ଶୁଣିବାକୁ ପାଇଛ । ସେ ସବୁ ତୁମର ପାଠ୍ୟକ୍ରମ ମଧ୍ୟରୁ ଆସିଥିଲା । ଯେଉଁ ପ୍ରଣାଳୀରେ ତୁମକୁ ଏହି କାର୍ଯ୍ୟକ୍ରମ ଗୁଡିକ ଶୁଣାଇ ଦିଆଗଲା , ତାହା ତୁମେ ଆଗରୁ ଶୁଣୁଥିବା ପ୍ରଣାଳୀଠାରୁ ସଂପୂର୍ଣ୍ଣ ଅଲଗା । ମୋର ବିଶ୍ୱାସ ତୁମେ ଏହି କାର୍ଯ୍ୟକ୍ରମ ଗୁଡିକୁ ଶୁଣି ଖୁବ୍ ଆନନ୍ଦ ପାଇଥିବ ।

ତୁମର ମନେଥିବ ଯେ ପ୍ରତ୍ୟେକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ସମୟରେ ତୁମକୁ Pre-broad cast (ଶୁଣାହେବା ପୂର୍ବରୁ ), Broadcast(ଶୁଣାହେବା ସମୟରେ), Post Broadcast(ଶୁଣାହେବା ପର ) ନାମକ ୩ଟି ସ୍ତର ଦେଇ ଯିବାକୁ ପଡୁଥିଲା । ଶୁଣାହେବା ପୂର୍ବରୁ ତୁମର ଶିକ୍ଷକ କେତେକ ପ୍ରଶ୍ନ ପଚାରି ତୁମକୁ ବିଷୟ ସହିତ ପରିଚିତ କରାଉଥିଲେ । କାର୍ଯ୍ୟକ୍ରମ ଶୁଣାହେବା ସମୟରେ ତୁମେ କେତେକ ଚିତ୍ର ଦେଖୁଥିଲ ଏବଂ ବିଷୟର ମୁଖ୍ୟ ପଏଣ୍ଟ ଗୁଡିକୁ ମଧ୍ୟ ଲେଖୁଥିଲ । ଶୁଣାହେବା ପରେ ବିଷୟ ଉପରେ ପୁଣିଥରେ ଆଲୋଚନା କରାଯାଇ ତୁମ ମନରେ ଥିବା ସଂଦେହକୁ ଦୂର କରା ଯାଉଥିଲା । ପ୍ରତ୍ୟେକ କାର୍ଯ୍ୟକ୍ରମ ପାଇଁ ଏହିସବୁ ବ୍ୟବସ୍ଥା ଖୁବ୍ ସାବଧାନ ସହକାରେ ଆଗରୁ ଯୋଜନା କରାଯାଇଥିଲା । ମୁଁ ଅନୁଭବ କରୁଛି ଯେ ସେ ଗୁଡିକର କାର୍ଯ୍ୟକାରିତା ସମ୍ବନ୍ଧରେ ତୁମର ମତାମତ ଏବଂ ତୁମ ମନର ପ୍ରତିକ୍ରିୟା ଜାଣିଲାପରେ ସେ ସବୁକୁ ଅଧିକ ଉନ୍ନତ କରାଯାଇ ପାରିବ ।

ନିମ୍ନରେ ୩ ଟି ବିଭାଗରେ କେତେଗୁଡିଏ ପ୍ରଶ୍ନ ରହିଛି । ସେ ଗୁଡିକ ତୁମେ ଶୁଣିଥିବା କାର୍ଯ୍ୟକ୍ରମ ଗୁଡିକ ଉପରେ ଆଧାରିତ । ତୁମେ ସାବଧାନ ସହକାରେ ସେ ଗୁଡିକ ପଢ ଏବଂ କାର୍ଯ୍ୟକ୍ରମ ଶୁଣିବା ସମୟର ବିଭିନ୍ନ ଅବସ୍ଥାକୁ ମନେ ପକାଇ ପ୍ରତ୍ୟେକ ପ୍ରଶ୍ନତଳେ ଦିଆ-ଯାଇଥିବା ଖାଲି ସ୍ଥାନ ମଧ୍ୟରେ ଉତ୍ତର ଦିଅ । ତୁମର ସ୍ୱାଧୀନ ଏବଂ ନିର୍ଭୀକ ମତାମତ ପାଇଲେ ଏହି କାର୍ଯ୍ୟକ୍ରମ ଗୁଡିକୁ ଉନ୍ନତ କରାଇବା ସାଂଗେ ସାଂଗେ ତୁମ ପାଇଁ ଆକାଶବାଣୀ ବିଦ୍ୟାଳୟ କାର୍ଯ୍ୟକ୍ରମର ଶୁଣିବା ପ୍ରଣାଳୀରେ ପରିବର୍ତ୍ତନ ଅଣାଯାଇ ପାରିବ ।

ଏଥିପାଇଁ ତୁମର ସହଯୋଗ କାମନା କରୁଅଛି । ଇତି ।

ତୁମର ଶୁଭେଚ୍ଛୁ,

( ଭାବଗ୍ରାହୀ ବିଶ୍ୱାଳ )

## ପ୍ରଥମ ବିଭାଗ

### Pre-Broadcast session (କାର୍ଯ୍ୟକ୍ରମ ଶୁଣିବା ପୂର୍ବରୁ)

ତୁମର ମନେଥିବା ଯେ ଆକାଶବାଣୀର ବିଦ୍ୟାଳୟ କାର୍ଯ୍ୟକ୍ରମ ଶୁଣିବା **ପୂର୍ବରୁ ତୁମର ବିଷୟ ଶିକ୍ଷକମାଙ୍କ** ବିଭିନ୍ନ ଉପାୟରେ ତୁମକୁ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ପ୍ରାକ୍ ସୂଚନାମାନ ଦେଉଥିଲେ । କେତେବେଳେ ଶିକ୍ଷକ ତୁମକୁ ତୁମର ଦୈନଂଦିନ ଅଭିଜ୍ଞତାରୁ କେତେକ ପ୍ରଶ୍ନ ପଚାରି **ବିଷୟରେ** ଉପନୀତ କରାଉଥିଲେ । କେତେବେଳେ ମଧ୍ୟ କେତେକ ଚିତ୍ର ,ମାନଚିତ୍ର ଓ ମଡେଲ ଆଦି ଦେଖାଇ ତୁମକୁ ଶୁଣାହେବା ବିଷୟ ସହ ପରିଚିତ କରାଉଥିଲେ ।

**ପ୍ରଶ୍ନୋତ୍ତର :-**

ପ୍ର:୧। ତୁମେ ଭାବୁଚ୍ଛକି ଶିକ୍ଷକଂକର ଏହି ଉପାୟ (ପ୍ରଶ୍ନୋତ୍ତର) ଦ୍ୱାରା କାର୍ଯ୍ୟକ୍ରମ ଶୁଣିବା ପାଇଁ ତୁମର ତତ୍ପରତା ବା ଆଗ୍ରହ ବୃଦ୍ଧି ପାଏ । **ହଁ / ନାହିଁ**

ପ୍ର:୨। ଏହା ଦ୍ୱାରା ତୁମେ ଆଉ କେଉଁ ଦିଗରେ ଅଧିକ ଲାଭବାନ ହୁଅ ?

ପ୍ର:୩। ଏହି ପ୍ରଶ୍ନଉତ୍ତର ଦ୍ୱାରା ତୁମେ ଯଦି ଲାଭବାନ ହୋଇ ନ ଥାଅ ତେବେ ଏହାର କାରଣ କ'ଣ ?

ପ୍ର:୪। ଶିକ୍ଷକ ତାଂକ ମନରୁ ପ୍ରଶ୍ନ ପଚାରିବା ପରିବର୍ତ୍ତେ ଯଦି କାର୍ଯ୍ୟକ୍ରମ ସମ୍ବନ୍ଧୀୟ ମୁଖ୍ୟ ବିଷୟ ଗୁଡ଼ିକୁ କଳାପଟାରେ ଲେଖି ଦିଆ ଯାଇ ତୁମକୁ କାର୍ଯ୍ୟକ୍ରମ ଶୁଣାଯାଇଥାଆନ୍ତା ।, ଏହା ତୁମକୁ ସାହାଯ୍ୟ କରିଥାଆନ୍ତା ବୋଲି ଭାବୁଚ୍ଛ **କି? ହଁ / ନାହିଁ**

ପ୍ର:୫। ଯଦି ସାହାଯ୍ୟ କରିଥାଆନ୍ତା ବୋଲି ଭାବୁଚ୍ଛ ତେବେ କିପରି ?

ପ୍ର:୬। ଏହା ବଦଳରେ ଆଉ କ'ଣ କରିଥିଲେ ତୁମେ ଅଧିକ ଉପକୃତ ହୋଇ **ପାରିଥାଆନ୍ତ ?**

**ଚିତ୍ର/ମାନଚିତ୍ର/ ମଡେଲ ପ୍ରଦର୍ଶନ :-**

ପ୍ର:୧। "ଫୁଲରୁ ଫଳ " ଓ " ଆଦି ସଭ୍ୟତା " ପ୍ରଭୃତି କେତେକ କାର୍ଯ୍ୟକ୍ରମ ଶୁଣିବା ପୂର୍ବରୁ ତୁମ୍ଭମାନଂକୁ କେତେକ ଚିତ୍ର/ମାନଚିତ୍ର/ମଡେଲ ଦେଖାଇ ବିଷୟରେ ଉପନୀତ କରାଯାଇଥିଲା । ଶିକ୍ଷକଂକ ଦ୍ୱାରା ଏ ସବୁର ବ୍ୟବହାର ଉପରେ ତୁମର ମତାମତ କ'ଣ ?

ପ୍ର ୫ ୨। ଏ ଗୁଡିକ ବ୍ୟବହାର ଦ୍ୱାରା ତୁମେ କିଭଳି ଭାବରେ ଉପକୃତ ହୋଇଛୁ ବୋଲି ଭାବୁଛୁ 361

<u>ଗଳ୍ପ କଥନ</u> :-

ପ୍ର ୫ ୧। "ଆଚାର୍ଯ୍ୟ ହରିହର", "ପରିବର୍ତ୍ତନ" ଆଦି କେତେକ କାର୍ଯ୍ୟକ୍ରମ ଶୁଣିବା ପୂର୍ବରୁ ତୁମକୁ ଶିକ୍ଷକ ଗୋଟିଏ ଗୋଟିଏ ଗପ କହି ବିଷୟରେ ଉପନୀତ ହୋଇଥିଲେ । ଏହି ସବୁ ଗପ କହିବାର କିଛି ଆବଶ୍ୟକତା ଥିଲା ବୋଲି ତୁମେ ମନେ କରୁଛ କି ? ହଁ/ନାହିଁ

ପ୍ର ୫ ୨। ଗପ ଶୁଣି ତୁମ ମନରେ କାର୍ଯ୍ୟକ୍ରମ ପ୍ରତି ଅଧିକ କୌତୂହଳ ଜାତ ହେଉଥିଲା କି ? ହଁ/ନାହିଁ

ପ୍ର ୫ ୩। ତୁମେ ଭାବୁଛ କି ପ୍ରତ୍ୟେକ କାର୍ଯ୍ୟକ୍ରମ ଶୁଣିବା ପୂର୍ବରୁ ଏହିପରି ଗୋଟିଏ ଗୋଟିଏ ଗପ କୁହାହେବା ଦରକାର ? ହଁ/ନାହିଁ

ପ୍ର ୫ ୪। କାର୍ଯ୍ୟକ୍ରମ ଶୁଣା ହେବା ପୂର୍ବରୁ ଶିକ୍ଷକ ଯେତିକି ସମୟ ଆଲୋଚନା କରୁଥିଲେ ତାହା ତୁମ ପାଇଁ ଯଥେଷ୍ଟ କି ? ହଁ/ନାହିଁ

<u>ଶିକ୍ଷକଙ୍କ ଉପସ୍ଥିତି</u> :-

ପ୍ର ୫ ୧। ତୁମେ ଭାବୁଛକି କାର୍ଯ୍ୟକ୍ରମ ଶୁଣିବା ପୂର୍ବରୁ ଶିକ୍ଷକଙ୍କ ଉପସ୍ଥିତି ବା ପ୍ରଶ୍ନୋତ୍ତର ଆଦିର କୌଣସି ଆବଶ୍ୟକତା ନାହିଁ ? ହଁ/ନାହିଁ

ପ୍ର ୫ ୨। ଶିକ୍ଷକଙ୍କ ଉପସ୍ଥିତି ଦ୍ୱାରା ତୁମେ ତୁମର ପ୍ରକୃତ ମତ ବ୍ୟକ୍ତ କରି ପାରୁନାହିଁ ବୋଲି ଭାବୁଛ କି ? ହଁ/ ନାହିଁ

ପ୍ର ୫ ୩। ତୁମର ବିଷୟ ଶିକ୍ଷକଙ୍କ ବ୍ୟତୀତ ଅନ୍ୟ ଯେ କୌଣସି ଜଣେ ବ୍ୟକ୍ତି ଯଦି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରନ୍ତି ତେବେ ଏହା କିପରି ହୁଅନ୍ତା ବୋଲି ତୁମେ ଭାବୁଛ ?

ପ୍ର ୫ ୪। ବିଦ୍ୟାଳୟ କାର୍ଯ୍ୟକ୍ରମ ଶୁଣାହେବା ପୂର୍ବ ସମୟକୁ ଆଉ କି ଉପାୟରେ ବ୍ୟବହାର କରାଯାଇ ପାରିବ ବୋଲି ତୁମେ ଭାବୁଛ ?

ପ୍ର ୫ ୫। ଶୁଣାହେବା ପୂର୍ବରୁ କୌଣସି ଆଲୋଚନା ନ କରି ସିଧା ସଳଖ କାର୍ଯ୍ୟକ୍ରମ ଆରମ୍ଭ କରାଯିବା ଉପରେ ତୁମର ମତ କ'ଣ ?

## ଦ୍ୱିତୀୟ ବିଭାଗ

### Broadcast Session ( କାର୍ଯ୍ୟକ୍ରମ ଶୁଣାହେବା ସମୟରେ )

ଏହି ସମୟରେ ତୁମେ ବିଭିନ୍ନ ବିଷୟରେ କାର୍ଯ୍ୟକ୍ରମ ମାନ ଶୁଣିଥିଲ । ସେ-ଗୁଡିକ ମଧ୍ୟରୁ କେତେକ ନାଟକ, ରୂପକ ତଥା କେତେକ ପ୍ରଶ୍ନୋତ୍ତର ଆକାରରେ ଥିଲା । ସେହି ସମୟରେ ମଧ୍ୟ କାର୍ଯ୍ୟକ୍ରମ ସଂକ୍ରାନ୍ତିୟ ଆଲୋକଚିତ୍ର ଗୁଡିକ ଦେଖାଇ ଦିଆ ଯାଇଥିଲା । ଚିତ୍ରଗୁଡିକୁ କାର୍ଯ୍ୟକ୍ରମର କଥା ସହ ସମନ୍ୱୟ ରଖିବା ପାଇଁ, ଯେତେଦୂର ସମ୍ଭବ ଉଦ୍ୟମ କରାଯାଇଥିଲା ।

ପ୍ର ୧। ଏହାଦ୍ୱାରା ତୁମେ କେବଳ କାର୍ଯ୍ୟକ୍ରମ ଶୁଣିବା ଅପେକ୍ଷା ଅଧିକ ଉପକୃତ ହୋଇଛ କି ? — ହଁ/ନାହିଁ

ପ୍ର ୨। ଯଦି ଅଧିକ ଉପକୃତ ହୋଇଥାଅ ତେବେ କିପରି ?

ପ୍ର ୩। କେବଳ କାର୍ଯ୍ୟକ୍ରମ ଶୁଣିବା ପରିବର୍ତ୍ତେ ଏକ ସମୟରେ ଶୁଣିବା ଏବଂ ଚିତ୍ର ଦେଖାହେବା ଦ୍ୱାରା କାର୍ଯ୍ୟକ୍ରମ ପ୍ରତି ତୁମେ ଅଧିକ ମନ ଯୋଗ ଦିଅ ବୋଲି ଭାବୁଛ କି ? — ହଁ/ନାହିଁ

ପ୍ର ୪। କାର୍ଯ୍ୟକ୍ରମ ଶୁଣିବା ସମୟରେ ଆଲୋକ ଚିତ୍ର ଦେଖାଇବା ଦ୍ୱାରା ଶୁଣିବାରେ କିଛି ଅସୁବିଧା ହେଉଥିଲା କି ? — ହଁ/ନାହିଁ

ପ୍ର ୫। ଯଦି ଅସୁବିଧା ହେଉଥିଲା, ତେବେ ସେଗୁଡିକ କ'ଣ ?

୧।

୨।

୩।

୪।

ପ୍ର ୬। ଯେଉଁ ଚିତ୍ର ଗୁଡିକ ତୁମେ ଦେଖିଥିଲ ସେଗୁଡିକ ମଧ୍ୟରୁ କେତେକ ରଂଗିନ୍ ଏବଂ କେତେକ ସାଧାରଣ (କଳା ଓ ଧଳା ) ଚିତ୍ର ଥିଲା । ତୁମ ପାଇଁ ଯଦି ସବୁବେଳେ ଚିତ୍ର ଦେଖାଇବାର ବ୍ୟବସ୍ଥା କରାଯାଏ କି ପ୍ରକାରର ଚିତ୍ର ଦେଖିବାକୁ ତୁମେ ଭଲ ପାଇବ ?

ପ୍ର ୭। ଆଲୋକଚିତ୍ର ବଦଳରେ ଯଦି ବଡ ବଡ କାଗଜରେ ଛପା ହୋଇଥିବା ବିଭିନ୍ନ ରଂଗର ଚିତ୍ର ଦେଖା ଯାଆନ୍ତା ତେବେ କିପରି ହୁଅନ୍ତା ବୋଲି ତୁମେ ଭାବୁଛ ?

ପ୍ର ୮। ଏକ ସମୟରେ କାର୍ଯ୍ୟକ୍ରମ ଶୁଣିବା ଏବଂ ଚିତ୍ର ଦେଖାଇବା ଉପରେ ତମର ଆଉକିଛି କହିବାର ଅଛି କି ?

ମଡେଲର ବ୍ୟବହାର :-

ପ୍ର:୧। "ମନୁଷ୍ୟ କଂକାଳ ଓ ତା'ର ସଂଚାଳନ କାର୍ଯ୍ୟକ୍ରମ ଶୁଣାହେବା ସମୟରେ ତୁମ ଆଗରେ ଙ୍କକାଳର ମଡେଲଟିଏ ରଖି ଶିକ୍ଷକ ଏହାର ବିଭିନ୍ନ ଅଂଗ ପ୍ରତ୍ୟଂଗ ଦେଖାଇ ଦେଉଥିଲେ । ଏହି କାର୍ଯ୍ୟକ୍ରମରେ କୌଣସି ଆଲୋକଚିତ୍ର ଦେଖାହେବାର ବ୍ୟବସ୍ଥା ନ ଥିଲା । କାର୍ଯ୍ୟକ୍ରମଟିକୁ ଭଲଭାବରେ ବୁଝିବା ଦିଗରେ କଂକାଳ ପ୍ରଦର୍ଶନ ତୁମକୁ ସାହାଯ୍ୟ କରିଥିଲା ବୋଲି ମନେ କରୁଛକି ? ହଁ/ନାହିଁ

ପ୍ର:୨। ଯଦି ସାହାଯ୍ୟ କରିଥିଲା ତେବେ କିପରି ?

ପ୍ର:୩। କଂକାଳ ପ୍ରଦର୍ଶନ ପରିବର୍ତ୍ତେ ଯଦି ତୁମକୁ ଚିତ୍ର ସାହାଯ୍ୟରେ କଂକାଳର ବିଭିନ୍ନ ଅଂଶ ଗୁଡିକୁ ଦେଖାଇ ଦିଆ ଯାଇଥାଆନ୍ତା , ଏହାଦ୍ୱାରା ତୁମେ ଅଧିକ ହୋଇ ଥାଆନ୍ତ କି ? ହଁ/ନାହିଁ

ସହାୟକ ପ୍ରଶ୍ନାବଳୀ :-

ପ୍ର:୧। " ଜର୍ଜ କର୍ଣ୍ଣୱାର୍ଡ ଶ " ଏବଂ " ମନୁଷ୍ୟ କଂକାଳ" କାର୍ଯ୍ୟକ୍ରମ ଶୁଣିବା ସମୟରେ ତୁମକୁ କେତେକ ପ୍ରଶ୍ନ ଦିଆ ଯାଇଥିଲା , ଏହି ପ୍ରଶ୍ନଗୁଡିକ କ୍ରମାନୁସାରେ ଥିଲା ଏବଂ ରେଡିଓରୁ ଶୁଣି ତୁମେ ସାଂଗେ ୨ ପ୍ରଶ୍ନ ଗୁଡିକର ଉତ୍ତର ଦେଉଥିଲ । କାର୍ଯ୍ୟକ୍ରମ ଶୁଣିବା ସମୟରେ ଏ ଭଳି ପ୍ରଶ୍ନୋତ୍ତର ଦେବା ଉପରେ ତୁମର ମତାମତ କ'ଣ ?

ପ୍ର:୨। ଏହାଦ୍ୱାରା ତୁମେ କିଭଳି ଭାବରେ ଉପକୃତ ହୋଇଛ ?

ପ୍ର:୩। ଏକ ସଂଗେ କାର୍ଯ୍ୟକ୍ରମ ଶୁଣିବା ଏବଂ ପ୍ରଶ୍ନୋତ୍ତର ଲେଖିବା ବେଳେ ତୁମେ କୌଣସି ଅସୁବିଧାର ସମ୍ମୁଖୀନ ହୋଇଥିଲ କି ? ହଁ/ନାହିଁ

ପ୍ର:୪। ଯଦି ହଁ ତେବେ ସେଗୁଡିକ କ'ଣ ?

ପ୍ର:୫। ଏହା ଅନୁଭବ କରାଯାଇଛି ଯେ କାର୍ଯ୍ୟକ୍ରମ ଶୁଣିବା ସମୟରେ ପ୍ରଶ୍ନୋତ୍ତର ବ୍ୟବସ୍ଥା ଦ୍ୱାରା କାର୍ଯ୍ୟକ୍ରମ ଶୁଣିବାରେ ତୁମେ ଅଧିକ ସଚେତନ ହୁଅ । ଯେଉଁ ସବୁ କାର୍ଯ୍ୟକ୍ରମରେ ଏ ଭଳି ବ୍ୟବସ୍ଥା ନ ଥିଲା ସେ ଗୁଡିକ ଏ କାର୍ଯ୍ୟକ୍ରମଠାରୁ କିପରି ପୃଥକ ?

ଶ୍ରେଣୀ ସଜ୍ଜା :-

ପ୍ର:୧। ତୁମ୍ଭମାନଂକର ବସିବା ପାଇଁ ଶ୍ରେଣୀ ଗୃହରେ ଏକ ନୂଆ ପ୍ରକାର ବ୍ୟବସ୍ଥା ହୋଇଥିଲା, ସାଧାରଣ ଶ୍ରେଣୀଗୃହରେ ବସିବା ଠାରୁ ଏହି ବସିବା ବ୍ୟବସ୍ଥା ଭିନ୍ନ ଥିଲା । ଏଭଳି ବ୍ୟବସ୍ଥା ତୁମକୁ ଭଲ ଲାଗୁଥିଲା କି ? ହଁ / ନାହିଁ

ପ୍ର:୨। ଏ ଭଳି ବ୍ୟବସ୍ଥା ଦ୍ୱାରା କାର୍ଯ୍ୟକ୍ରମ ଶୁଣିବାରେ ଏବଂ ଚିତ୍ର ଦେଖିବାରେ ତୁମକୁ ସୁବିଧା ହେଉଥିଲା କି ? ହଁ/ନାହିଁ

ପ୍ର:୩। ଶୁଣିବା ସମୟରେ ରେଡିଓର ଅବସ୍ଥିତି ଏବଂ ଦେଖାଯାଉଥିବା ଆଲୋକଚିତ୍ରି ଉପରେ ତୁମର ମତାମତ କ'ଣ ?

ପ୍ର:୪। ଏ ଭଳି ବସିବା ବ୍ୟବସ୍ଥାଦ୍ୱାରା ବିଷୟବସ୍ତୁ ଆଲୋଚନା କଲାବେଳେ ଅଧିକ ସୁବିଧା ହେଉଥିଲା କି ? ହଁ/ନାହିଁ

ଶୁଣିବା ସମୟରେ ଲେଖିବା :-

ପ୍ର:୧। ତୁମଙ୍କର ମନେଥିବା ଯେ କାର୍ଯ୍ୟକ୍ରମ ଶୁଣିବା ସମୟରେ ମୁଖ୍ୟ ପଏଣ୍ଟ ଗୁଡିକ ଲେଖିବା ପାଇଁ ତୁମକୁ କୁହାଯାଇଥିଲା । କେତେକ କ୍ଷେତ୍ରରେ ଉକ୍ତ ପଏଣ୍ଟ ଗୁଡିକ କାର୍ଯ୍ୟକ୍ରମ ଶୁଣାହେବା ପରେ ମଧ୍ୟ ଆଲୋଚିତ ହୋଇଥିଲା । କେତେକ କ୍ଷେ କ୍ଷେତ୍ରରେ ଆଲୋଚନା କରିବା ସମ୍ଭବପର ହୋଇ ନ ଥିଲା । ଉକ୍ତ ପଏଣ୍ଟ ଗୁଡିକ ଲେଖିବା ଦ୍ୱାରା ତୁମେ କିଛି ଉପକୃତ ହୋଇଛ କି ? ହଁ/ନାହିଁ

ପ୍ର:୨। ଯଦି ହଁ, ତେବେ କିପରି ?

ପ୍ର:୩। ତୁମେ ଲେଖିଥିବା ପଏଣ୍ଟ ଗୁଡିକ ସବୁସମୟରେ କାର୍ଯ୍ୟକ୍ରମ ଶୁଣାହେବା ପରେ ଆଲୋଚନା କରାଯିବା ଉଚିତ ବୋଲି ଭାବୁଛ କି ? ହଁ/ନାହିଁ

ପ୍ର:୪। ଘରକୁ ଯାଇ ସେ ପଏଣ୍ଟ ଗୁଡିକୁ ତୁମେ ଆଉଥରେ ପଢ କି ? ହଁ/ନାହିଁ

ପ୍ର:୫। ମୁଖ୍ୟପ ଏଣ୍ଟ ଗୁଡିକ ଲେଖିବା ସମୟରେ କାର୍ଯ୍ୟକ୍ରମର କେତେକ ଅଂଶ ଶୁଣି ପାରନା କି ? ହଁ/ନାହିଁ

ପ୍ର:୬। ସେ ଗୁଡିକ ନ ଲେଖିଥିଲେ କାର୍ଯ୍ୟକ୍ରମଟିକୁ ଉତ୍ତମ ରୂପେ ଶୁଣି ପାରିଥାନ୍ତ ବୋଲି ଭାବୁଛ କି ? ହଁ/ନାହିଁ

ଶିକ୍ଷକଙ୍କ ଭୂମିକା :-

ପ୍ର:୧। କାର୍ଯ୍ୟକ୍ରମ ଶୁଣିବା ସମୟରେ ତୁମର ଶିକ୍ଷକ ନିର୍ଦ୍ଦେଶ ଦଣ୍ଡ ସାହାଯ୍ୟରେ ତୁମକୁ ଚିତ୍ର ଗୁଡିକର କେତେକ ନିର୍ଦ୍ଦିଷ୍ଟ ଅଂଶ ଚିହ୍ନାଇ ଦେଇଥିଲେ । ଏହା ଦ୍ୱାରା କାର୍ଯ୍ୟକ୍ରମ ଟିକୁ ଉତ୍ତମରୂପେ ବୁଝିବାକୁ ତୁମେ ସକ୍ଷମ ହୁଅ କି ? ହଁ/ନାହିଁ

ପ୍ର:୨। ଏହି ସମୟରେ ଆଉ କ'ଣ କରିବା ଉଚିତ ବୋଲି ତୁମେ ମନେ କରୁଛ ?

କଣ୍ଠସ୍ୱର :-

ପ୍ର:୧। ବିଭିନ୍ନ ବିଷୟ ଶୁଣିବା ସମୟରେ ତୁମେ କେତେବେଳେ ସ୍ତ୍ରୀ କଂଠସ୍ୱର ଏବଂ କେତେବେଳେ ପୁରୁଷ କଂଠସ୍ୱର ଶୁଣିବାକୁ ପାଇଛ, ତୁମକୁ କାହା କଂଠସ୍ୱର ଶୁଣିବାକୁ ଭଲ ଲାଗୁଥିଲା ? ସ୍ତ୍ରୀ/ପୁରୁଷ

ପ୍ର:୨। କାହା କଂଠରୁ ( ସ୍ତ୍ରୀ ବା ପୁରୁଷ) ତୁମେ ଅଧିକ କାର୍ଯ୍ୟକ୍ରମ ଶୁଣିବାକୁ ଭଲ ପାଇବ ? ସ୍ତ୍ରୀ/ପୁରୁଷ

ପ୍ର:୩। ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଉଥିବା ବ୍ୟକ୍ତିମାନେ ଖୁବ୍ ଶିଘ୍ର ଶିଘ୍ର କହୁଥିଲେ କି ? ହଁ/ନାହିଁ

ପ୍ର:୪। ଖୁବ୍ ଧୀରେ ଧୀରେ କହୁଥିଲେ କି ? ହଁ/ନାହିଁ

ପ୍ର:୫। କାର୍ଯ୍ୟକ୍ରମରେ ଭାଗ ନେଉଥିବା ଛାତ୍ର ଛାତ୍ରୀମାନଂକ କଂଠସ୍ୱର ଉପରେ ତୁମର ମତାମତ କ'ଣ ?

ପ୍ର:୬। କାର୍ଯ୍ୟକ୍ରମ ଗୁଡ଼ିକରେ ଶିକ୍ଷକ/ଶିକ୍ଷୟିତ୍ରୀମାନେ ଭାଗ ନେବା ପରିବର୍ତ୍ତେ କେବଳ ଛାତ୍ର ଛାତ୍ରୀମାନଂକ ଭାଗ ନେବା ବ୍ୟବସ୍ଥା କରାଯିବା ଉପରେ ତୁମର ମତାମତ କ'ଣ ?

ପ୍ର:୭। କାର୍ଯ୍ୟକ୍ରମ ଶୁଣିବା ସମୟରେ ବାହାରର ଗୋଳମାଳ, ଶୁଣିବାରେ କିଛି ବାଧା ସୃଷ୍ଟି କରୁଥିଲା କି ? ହଁ/ନାହିଁ

ତୃତୀୟ ବିଭାଗ

Post Broadcast session ( କାର୍ଯ୍ୟକ୍ରମ ଶୁଣାହେବା ପରେ )

ପ୍ରତ୍ୟେକ କାର୍ଯ୍ୟକ୍ରମ ଶୁଣି ସାରିବା ପରେ ତୁମ ଶିକ୍ଷକ, କାର୍ଯ୍ୟକ୍ରମ ବିଷୟରେ ତୁମ ସହିତ ବିଭିନ୍ନ ଉପାୟରେ ଆଲୋଚନା କରୁଥିଲେ । ତୁମକୁ ଉପକୃତ କରାଇବା ପାଇଁ ଶିକ୍ଷକ ତୁମକୁ କୌଣସି ସମୟରେ ଶ୍ରେଣୀ ବାହାରକୁ ନେଇ ଆଲୋଚନା କରିଛନ୍ତି, କେତେକ କ୍ଷେତ୍ରରେ ତୁମ୍ଭମାନଂକୁ ଶ୍ରେଣୀ ଗୃହରେ ମଧ୍ୟ ଅଭିନୟ କରିବାକୁ କୁହାଯାଇଥିଲା । କେତେକ କ୍ଷେତ୍ରରେ ଜଣେ ଅଭିଜ୍ଞ ବ୍ୟକ୍ତିଂକୁ ଡାକି ଶ୍ରେଣୀରେ ଆଲୋଚନା କରାହୋଇଥିଲା । ଏ ସବୁ କରିବା ଦ୍ୱାରା ତୁମେ ପ୍ରକୃତରେ ଉପକୃତ ହୋଇଛ କି ? ହଁ/ନାହିଁ

ଆଲୋଚନା :-

ପ୍ର:୧। ଆଲୋଚନା ସମୟରେ ତୁମର ସଂଦେହ ଦୂର କରିବା ପାଇଁ ଏବଂ ନୂଆ ନୂଆ କଥା ଜାଣିବା ପାଇଁ ତୁମେ ତୁମର ଶିକ୍ଷକଂକୁ ସ୍ୱାଧୀନ ଭାବରେ ପ୍ରଶ୍ନ ପଚାରିବାକୁ ସୁଯୋଗ ଦିଆ ଯାଉଥିଲା, ଏହି ସୁଯୋଗକୁ ତୁମେ ବ୍ୟବହାର କରିପାରୁଥିଲ କି ? ହଁ/ନାହିଁ

ପ୍ର:୨। ଏହାଦ୍ୱାରା ତୁମେ କିପରି ଭାବରେ ଉପକୃତ ହୋଇଛ ?

ପ୍ରଃ ୩। ଆଲୋଚନା ସମୟରେ କୌଣସି ଛାତ୍ର/ଛାତ୍ରୀ ଭୁଲ୍ ଉତ୍ତର ଦେଲେ, ତାହା ମଧ୍ୟ ଆଲୋଚିତ ହୋଇ ଠିକ୍ ଉତ୍ତରଟି ତୁମମାନଙ୍କୁ ଜଣାଇ ଦିଆଯାଉଥିଲା । ଏହାଦ୍ୱାରା ତୁମେ ଉପକୃତ ହେଉଥିଲ କି ? ହଁ/ନାହିଁ

ଯଦି ଉପକୃତ ହେଉଥିଲ ତେବେ କିପରି ? ଯଦି ଉପକୃତ ହୋଇ ନ ଥାଅ ତେବେ କାହିଁକି ?

ପ୍ରଃ ୪। ସବୁ ସମୟରେ ତୁମେ ହୁଏତ ଆଲୋଚନାରେ ବିଶେଷ ଭାଗ ନେବାକୁ ସକ୍ଷମ ହୋଇ ପାରି ନ ଥିବ । ଏହାର କାରଣ କ'ଣ ?

ପ୍ରଃ ୫। ଏ ସବୁ ଆଲୋଚନା କରିବା, ସମୟ ନଷ୍ଟ କରିବା ଛଡ଼ା ଆଉ କିଛି ନୁହେଁ । ଏ କଥା ତୁମେ ଭାବୁଛ କି ? ହଁ/ନାହିଁ
କାହିଁକି ?

ପ୍ରଃ ୬। ଶ୍ରେଣୀରେ ଆଲୋଚନା ସରିବା ପରେ ତୁମେ ଘରକୁ ଯିବା ବାଟରେ କିମ୍ବା ଘରୁ ସ୍କୁଲକୁ ଆସିବା ସମୟରେ ବା ଅନ୍ୟ ଯେ କୌଣସି ସମୟରେ ସାଙ୍ଗ ମାନଙ୍କ ସହିତ ଏ ବିଷୟରେ ଆଲୋଚନା କର କି ? ହଁ/ନାହିଁ
ଯଦି ହଁ ତେବେ କାହିଁକି ?

ପ୍ରଃ ୭। କେତେକ ଆଲୋଚନାରେ ତୁମେ ହୁଏତ ଭାଗ ନେଇ ପାରି ନ ଥିବ ମାତ୍ର ତୁମର ସାଙ୍ଗମାନେ ଏଥିରେ ଭାଗ ନେଇଥିବେ, ଏହାଦ୍ୱାରା ତୁମେ କିପରି ଭାବରେ ଉପକୃତ ହୋଇଛ ?

<u>ଦଳବଦ୍ଧ ଶିକ୍ଷା</u>

ତୁମର ମନେଥିବ ଯେ କୌଣସି ଏକ ବିଷୟରେ କାର୍ଯ୍ୟକ୍ରମ ଶୁଣି ସାରିବା ପରେ ତୁମର ୨ ଜଣ ଶିକ୍ଷକ ସେମାନଙ୍କ ଯୁକ୍ତି ଛଳରେ ବିଷୟ-ବସ୍ତୁ ଉପରେ ଆଲୋଚନା କରୁଥିଲେ । ଏହି ଆଲୋଚନା ଶେଷରେ ତୁମମାନଙ୍କୁ କେତେକ ପ୍ରଶ୍ନ ପଚରା ଯାଇଥିଲା ଏବଂ ତୁମେମାନେ ଶିକ୍ଷକଙ୍କୁ କେତେକ ପ୍ରଶ୍ନ ପଚାରିଥିଲ ।

ଉଭୟ ଶିକ୍ଷକଙ୍କ ଯୁକ୍ତି ଶୁଣି ସାରିବା ପରେ ତୁମେ ହୁଏତ ବିଷୟ ବସ୍ତୁଟିକୁ ଭଲଭାବରେ ବୁଝି ପାରିଥିବ ବା ବିଷୟ ବସ୍ତୁ ଉପରେ ତୁମ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇ ଥିବ ।

ପ୍ରଃ ୧। ଏ ଦୁଇଟି ମଧ୍ୟରୁ କେଉଁଟି ତୁମ ପକ୍ଷରେ ଘଟିଥିଲା ?

ପ୍ର: ୨। ଦୁଇଜଣ ଶିକ୍ଷକଙ୍କ ପରିବର୍ତ୍ତେ ଜଣେ ଶିକ୍ଷକ ମଧ୍ୟ ଯୁକ୍ତି ଚୁଳରେ ଏ କାର୍ଯ୍ୟ ଚଳାଇ ପାରିଥାଆନ୍ତେ ,

(କ) ତୁମେ କେଉଁଟିକୁ ଭଲ ପାଇବ ? ଜଣେ / ଦୁଇଜଣ

(ଖ) କାହିଁକି ?

ପ୍ର: ୩। ଏ ପ୍ରକାରର ପାଠପଢା ଉପରେ ତୁମର ମତ କ'ଣ ?

ବାହ୍ୟ ଭ୍ରମଣ :-

" ଫୁଲରୁ ଫଳ " କାର୍ଯ୍ୟକ୍ରମ ଶୁଣିବା ପରେ ତୁମର ବିଜ୍ଞାନ ଶିକ୍ଷକ ତୁମକୁ ସ୍କୁଲରେ ଥିବା ଫୁଲ ବଗିଚାକୁ ନେଇ ସେଠାରେ ବିଭିନ୍ନ ବିଷୟରେ ପ୍ରତ୍ୟକ୍ଷ ବିବରଣୀ ଦେଇଥିଲେ ।

ପ୍ର: ୧। ଏହା ଦ୍ୱାରା କିପରି ଭାବରେ ତୁମେ ଉପକୃତ ହୋଇଛ ?

ପ୍ର: ୨। ବିଭିନ୍ନ ବିଷୟ ପଢା ହେବା ପରେ ଏହିପରି ଭ୍ରମଣର ଆୟୋଜନ ସମ୍ବନ୍ଧରେ ତୁମର ମତ କ'ଣ ?

ଅଭିନୟ :-

"ବଗଲା ବଗୁଲୀ" ଏବଂ " ପରିବର୍ତ୍ତନ " କାର୍ଯ୍ୟକ୍ରମ ଶୁଣିବା ପରେ ତୁମର କେତେଜଣ ବନ୍ଧୁ ସ୍ୱତଃ ପ୍ରବୃତ୍ତଭାବେ ଉକ୍ତ ବିଷୟରେ ତୁମ ସମ୍ମୁଖରେ ଅଭିନୟ କରିଥିଲେ ।

ପ୍ର: ୧। ଏହି ଅଭିନୟ ତୁମ ପକ୍ଷେ ଆନନ୍ଦ ଦାୟକ ହୋଇ ଥିଲା କି ? ହଁ / ନାହିଁ

ପ୍ର: ୨। ସେତେବେଳେ ତୁମେ ନିଜେ ଜଣେ ଅଭିନେତା ହୋଇ ଅଭିନୟ କରିବାକୁ ମନେ ମନେ ଭାବୁଥିଲ କି ? ହଁ / ନାହିଁ

ପ୍ର: ୩। ଏ ଭଳି ଅଭିନୟ ଦ୍ୱାରା ବିଷୟବସ୍ତୁ ଭଲ ଭାବରେ ବୁଝିବାରେ ତୁମେ ଉପକୃତ ହୋଇଛକି ? ହଁ / ନାହିଁ

ପ୍ର: ୪। ଯଦି ଉପକୃତ ହୋଇ ଥାଅ ବୋଲି ମନେ କରୁଛ ତେବେ କିପରି ?

Quiz (ଧନ୍ଦା) :-

"ପ୍ରଧାନ ଶିଳ୍ପ" ଏବଂ "ଇଉରୋପୀୟ ସଭ୍ୟତା" ଆଦି କେତେକ ବିଷୟ ଶୁଣିବାପରେ ଶିକ୍ଷକ ତୁମକୁ ୨ଟି ଦଳରେ ବିଭକ୍ତ କରିଥିଲେ । ବିଷୟ ବସ୍ତୁ ଉପରେ କେତେକ ପ୍ରଶ୍ନ ପଚାରି ଶିକ୍ଷକ ତୁମ ମଧ୍ୟରେ ପ୍ରତିଯୋଗିତା କରାଇଥିଲେ ।

ପ୍ର: ୧। ଏ ଭଳି ପ୍ରତିଯୋଗିତା ତୁମକୁ କିପରି ଲାଗିଲା ?

ପ୍ର: ୨। ଏ ପ୍ରତିଯୋଗିତା ମାଧ୍ୟମରେ କାର୍ଯ୍ୟକ୍ରମର ସମସ୍ତ ବିଷୟବସ୍ତୁ ଆଲୋଚିତ ହୋଇ ପାରିଥିଲା କି ? ହଁ / ନାହିଁ

ପ୍ର ୩। ଏ ଭଳି କାର୍ଯ୍ୟକ୍ରମ ଦ୍ୱାରା ତୁମେ କିଭଳି ଉପକୃତ ହୋଇ ପାରିଛ ?

ପ୍ର ୪। ଏ ଭଳି କାର୍ଯ୍ୟକ୍ରମ ଉପରେ ତୁମର ମତାମତ କ'ଣ ?

ଅଭିଜ୍ଞ ବ୍ୟକ୍ତିଙ୍କ ଉପସ୍ଥିତି :-

" ମନୁଷ୍ୟର ଭବିଷ୍ୟତ ବାସସ୍ଥାନ -ଚନ୍ଦ୍ର-" କାର୍ଯ୍ୟକ୍ରମଟି ଶୁଣିବାପରେ ଜଣେ ଅଭିଜ୍ଞ ଅଧ୍ୟାପକଙ୍କୁ ତୁମ ଶ୍ରେଣୀକୁ ଅଣା ଯାଇଥିଲା । ସେ ଚନ୍ଦ୍ର ଅଭିଯାନ ଉପରେ ତୁମ ମନରୁ କେତେକ ସନ୍ଦେହ ଦୂର କରାଇବାକୁ ଚେଷ୍ଟା କରିଥିଲେ । ତୁମର ଶିକ୍ଷକଙ୍କ ପରିବର୍ତ୍ତେ ସେ ଆଲୋଚନା କରିବା ଦ୍ୱାରା ତୁମେ କେତେକାଂଶରେ ଉପକୃତ ହୋଇଛ ବୋଲି ଅନୁଭବ କରାଯାଉଛି ।

ପ୍ର ୧। ତାଙ୍କ ଆଲୋଚନା ତୁମକୁ କେତେକାଂଶରେ ପ୍ରଭାବିତ କରିଥିଲା କି ? ହଁ/ନାହିଁ

ପ୍ର ୨। ଚନ୍ଦ୍ର ବିଷୟରେ ଅଧିକ ଜାଣିବା ପାଇଁ ଏହା ତୁମ ମନର ଆଗ୍ରହ ଓ ଅନୁସନ୍ଧିତ୍ସା ଜାଗ୍ରତ କରାଇଥିଲା କି ? ହଁ/ନାହିଁ

ପ୍ର ୩। ତୁମେ ଭାବୁଛ କି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଏ ଭଳି ଜଣେ ୨ ଅଭିଜ୍ଞ ବ୍ୟକ୍ତିଙ୍କୁ ଶ୍ରେଣୀ ଗୃହକୁ ଅଣାଯିବା ଉଚିତ ? ହଁ/ନାହିଁ

ଗୃହ କର୍ମ :-

ପ୍ରତି କାର୍ଯ୍ୟକ୍ରମ ସରିବା ପରେ ତୁମକୁ ଘରୁ ଏ କାର୍ଯ୍ୟକ୍ରମ ବିଷୟରେ ପଢି ଆସିବା ପାଇଁ କୁହା ଯାଏ ।

ପ୍ର ୧। ଘରେ ପଢିବାର ଆବଶ୍ୟକତା ତୁମେ ଅନୁଭବ କର କି ? ହଁ/ନାହିଁ

ପ୍ର ୨। ଘରେ ପଢିବା ଦ୍ୱାରା ବିଷୟବସ୍ତୁ ପ୍ରାଞ୍ଜଳ ଭାବରେ ବୁଝି ପାର କି ? ହଁ/ନାହିଁ

ପ୍ର ୩। ଘରେ ପଢି ଆସିବା ଦ୍ୱାରା ପରୀକ୍ଷାରେ ତୁମେ ଭଲ ଭାବରେ ପ୍ରଶ୍ନ ଗୁଡିକର ଉତ୍ତର ଦିଅ ବୋଲି ଭାବୁଛ କି ? ହଁ/ନାହିଁ

ପ୍ର ୪। ଗୃହ କର୍ମ ଦ୍ୱାରା ତୁମର ଅନ୍ୟାନ୍ୟ ପାଠ ପଢାରେ ବ୍ୟାଘାତ ଘଟୁ ଥିଲା କି ?

ପ୍ର ୫। ଏ ଭଳି ଗୃହକର୍ମ ଉପରେ ତୁମର ମତାମତ କ'ଣ ?

ଆଉଥରେ ଚିତ୍ର ଦେଖିବା ବ୍ୟବସ୍ଥା :-

କାର୍ଯ୍ୟକ୍ରମ ଶୁଣିବା ସମୟରେ ଯେଉଁ ଆଲୋକ ଚିତ୍ର ଗୁଡିକ ତୁମେ ଦେଖୁଥିଲ ସେ ଗୁଡିକୁ ଦ୍ୱିତୀୟଥରେ ଦେଖିବା ପାଇଁ ତୁମ୍ଭେମାନେ ଅଧିକାଂଶ ସମୟରେ ଅନୁରୋଧ କରୁଥିଲ । କେତେକ ସ୍କୁଲରେ ସେଗୁଡିକୁ ଆଉଥରେ ତୁମକୁ ଦେଖାଇ ଦିଆଯାଇଛି ।

ପ୍ର ୧। ଚିତ୍ର ଗୁଡିକ ପୁଣିଥରେ ଦେଖାହେବା ଦ୍ୱାରା ତୁମେ ଉପକୃତ ହୋଇ ପାରିଛ କି ? ହଁ/ନାହିଁ

ପ୍ରଃ ୨। କିଁ ଭଳି ଭାବରେ ଉପକୃତ ହୋଇଛୁ ବୋଲି ଭାବୁଛ ?

ପ୍ରଃ ୩। ସମସ୍ତ ବିଷୟର ଚିତ୍ର ଗୁଡ଼ିକ ଆଉଥରେ ଦେଖାହେବା ଉପରେ
ତୁମର ମତାମତ କ'ଣ ?

କାର୍ଯ୍ୟକ୍ରମ ସଂକ୍ରାନ୍ତିୟ ଅନ୍ୟାନ୍ୟ କେତେକ ପ୍ରଶ୍ନ :-

ସମୟ :- ୧। ପ୍ରତିଦିନ ବିଦ୍ୟାଳୟ କାର୍ଯ୍ୟକ୍ରମ ଦିନ ୧୨.୩୦ ମିନିଟ୍‌ରେ ତୁମେ
ଶୁଣିବାକୁ ପାଅ, ଏହି ସମୟଟି ତୁମ ପାଇଁ ଉତ୍କୃଷ୍ଟ ସମୟ କି ? ହଁ/ନାହିଁ

(କ) ଯଦି ହଁ, ତେବେ କାହିଁକି ?

(ଖ) ଯଦି ନାହିଁ, ତେବେ କାହିଁକି ନୁହେଁ ?

(ଗ) କେଉଁ ସମୟରେ କାର୍ଯ୍ୟକ୍ରମ ଶୁଣିଲେ ତୁମକୁ ଭଲ ଲାଗିବ ?

୨। ବିଦ୍ୟାଳୟ କାର୍ଯ୍ୟକ୍ରମ ମାତ୍ର ୨୦ ମିନିଟ୍ ପାଇଁ ପ୍ରଚାର କରାଯାଏ,
ଏହି ସମୟ ତୁମ ପାଇଁ ଯଥେଷ୍ଟ କି ? ହଁ/ନାହିଁ

୩। କାର୍ଯ୍ୟକ୍ରମ ୨୦ ମିନିଟ୍‌ରୁ ଅଧିକ ବା କମ୍ ସମୟ ପାଇଁ ପ୍ରଚାର
କରାଯିବା ଉପରେ ତୁମର ମତାମତ କ'ଣ ?

୪। ସପ୍ତାହରେ ତୁମେ ଥରେ ମାତ୍ର କାର୍ଯ୍ୟକ୍ରମ ଶୁଣିବାକୁ ପାଅ,
ଏହା ତୁମ ପାଇଁ ଯଥେଷ୍ଟ କି ? ହଁ/ନାହିଁ

୫। ସପ୍ତାହରେ କେତେଥର ଏହି କାର୍ଯ୍ୟକ୍ରମ ହେବା ଉଚିତ ବୋଲି
ତୁମେ ମନେ କରୁଛ ?

୬। ତୁମ ପାଠ୍ୟକ୍ରମର ସମସ୍ତ ବିଷୟ ବେତାର ମାଧ୍ୟମରେ ପଢାହେବା
ଉପରେ ତୁମର ମତାମତ କ'ଣ ?

ମାନ ନିର୍ଦ୍ଧାରଣ ପରୀକ୍ଷା :-

ଏହି ନୂତନ ପ୍ରଣାଳୀରେ ଶିକ୍ଷାଦାନର ପରଦିନ ତୁମକୁ ଗୋଟିଏ ଗୋଟିଏ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡୁଥିଲା , ଏହି ପରୀକ୍ଷାର ପ୍ରଶ୍ନ ଗୁଡ଼ିକର ଢଙ୍ଗି ତୁମ ସ୍କୁଲରେ ହେଉଥିବା ପରୀକ୍ଷା ପ୍ରଶ୍ନଠାରୁ ଭିନ୍ନ ଥିଲା ।

ପ୍ରଃ ୧। ଏହି ପରୀକ୍ଷା ଦ୍ୱାରା ତୁମେ ଉପକୃତ ହୋଇଛ ବୋଲି
ମନେ କରୁଛ କି ? ହଁ/ନାହିଁ

ପ୍ର: ୨। ଯଦି ଉପକୃତ ହୋଇଥାଅ ତେବେ କିପରି ?

ପ୍ର: ୩। କେତେକ ସମୟରେ ତୁମେ କାର୍ଯ୍ୟକ୍ରମ ନ ଶୁଣିଥିଲେ ମଧ୍ୟ ପରୀକ୍ଷା ଦେବାକୁ ଇଚ୍ଛା ପ୍ରକାଶ କରିଛ ? କ'ଣ ପାଇଁ ତୁମର ପରୀକ୍ଷା ଦେବାକୁ ଇଚ୍ଛା ହୁଏ ?

ପ୍ର: ୪। ପରୀକ୍ଷାର ପ୍ରଶ୍ନ ଗୁଡିକର ଆକାର ଏବଂ ଭଙ୍ଗି ଉପରେ ତୁମର ମତାମତ କ'ଣ ?

ପ୍ର: ୫। ବର୍ଷସାରା ପ୍ରତ୍ୟେକ ବିଷୟରେ ପ୍ରତ୍ୟେକ କାର୍ଯ୍ୟକ୍ରମ ପରେ ଏହି ପରି ପରୀକ୍ଷା ବ୍ୟବସ୍ଥା କରାଯିବା ଉପରେ ତୁମର ମତାମତ କ'ଣ ?

ତୁମର ଅନୁପସ୍ଥିତି :-

କୌଣସି କାରଣରୁ ତୁମେ ସ୍କୁଲକୁ ଆସି ନ ପାରିବା ଦ୍ୱାରା ବା ଅନ୍ୟ କୌଣସି କାରଣରୁ ତୁମେ କାର୍ଯ୍ୟକ୍ରମ ଶୁଣିବାରୁ ବଂଚିତ ହୋଇଥିବ ,

ପ୍ର: ୧। ଏହା ଦ୍ୱାରା ତୁମେ କିଛି ଶିଖିବାରୁ ବଂଚିତ ହେଲ ବୋଲି ମନେ କର କି ?

ପ୍ର: ୨। ଏହି ନୂତନ ପ୍ରଣାଳୀରେ ଆକାଶବାଣୀ ବିଦ୍ୟାଳୟ କାର୍ଯ୍ୟକ୍ରମ ଶୁଣିବା ପରେ ତୁମେ ସନ୍ତୋଷ ପ୍ରକାଶ କରୁଛ ନା ଭାବୁଛ ଏଥିରେ କିଛି ନୂତନତ୍ୱ ନାହିଁ ?

ପ୍ର: ୩। ଏହି ନୂତନ ପ୍ରଣାଳୀରେ ବିଦ୍ୟାଳୟ କାର୍ଯ୍ୟକ୍ରମ ଶୁଣିବା ଉପରେ ତୁମର ଯାଉ କିଛି ମତାମତ ଦେବାକୁ ଥିଲେ ଏହି ଠାରେ ଲେଖ ।

------

APPENDIX-X

QUESTIONNAIRE FOR GETTING THE REACTIONS OF STUDENTS TOWARDS THE STRATEGIES (ENGLISH VERSION)

From: Bhabagrahi Biswal
Centre of Advanced Study in Education
M.S.University of Baroda
Baroda-390 002 (Gujarat)

To:

Dear Friend,

Recently you have listened to a series of school broadcast programmes on different subjects through a new way which is completely different from the way you were listening previously. I hope, you have enjoyed these programmes.

You must have remembered that you were to go through three different sessions namely pre-broadcast, broadcast and post-broadcast, for each programme. Before listening, you were introduced with the topic,during listening you were shown some slides and asked to write key points of the topic, and after the listening, through discussions your doubts were clarified. For each programme these strategies were planned very carefully. These materials can be improved after knowing your reactions to the working of the strategies.

Here, in three different sections, questions are given which are based on the topics you have listened. Please read them carefully and recalling your experiences, give your reactions in the space provided. Your free and frank reactions would enable me to improve the strategies.

Yours sincerely,

Bhabagrahi Biswal

# YOUR EXPERIENCE WITH THE NEW APPROACH OF LISTENING TO SCHOOL BROADCAST PROGRAMMES IN YOUR CLASS ROOM

## Section-I

### Pre-Broadcast Session

In this session, you may recall that your teacher was introducing you the topic of broadcast programmes in different ways. Sometimes the teacher was asking you some questions relating to your experience in day to day life. Sometimes he was introducing the topic by showing some pictures and models.

Question Answer

1. Do you think that this way (Q.A.) of introducing the topic has helped you? Yes/No
2. In what other ways were you benifitted?
3. If you were not benifitted by this technique of Q.A., what is the reason?
4. Instead of the teacher asking questions, if the main points could have been written on the black board and you were allowed to listen to the programme, do you think it could have helped you? Yes/No
5. If so, in what way?
6. Instead of this, what else could have benifitted you?

Use of Pictures/Maps/Models

1. In lessons like "Fruit from Flower" and "Indus Civilization", you were shown some pictures, maps and models before introducing the broadcast to you. What have you to say about the use of these aids by the teacher?
2. In what way you were benifitted by the use of these aids?

Story Telling

1. In programmes like "Acharya Harihara" and "Paribartan" your teacher introduced the programme by narrating stories. Do you think that there was any need to tell stories on those occasions? Yes/No

2. Was your curiosity raised by listening to the stories? Yes/No

3. Do you think that a story should be told before presentation of each programme? Yes/No

4. Do you think that the time taken by the teacher for this purpose was sufficient? Yes/No

Presence of the Teacher

1. Do you think that before the broadcast there is neither the need of the teacher nor the question-answer session? Yes/No

2. Do you think that in the presence of your teacher you were not able to express your real views? Yes/No

3. How will you like a person other than your teacher to handle this programme?

4. In what other ways the pre-broadcast session could have been utilised?

5. What is your opinion on presenting the programme without any preliminary discussion?

Section-II

Broadcast Session

In this session you listened to actual programmes in the form of features, dramas, question answer etc. You were also shown some pictures through slides related to the subject matter of broadcast. Great care was taken to synchronise the slides with the different teaching points coming through the broadcast.

1. By this were you more benifitted than mere listening? Yes/No

2. If so, how?

3. Do you think you were paying more attention while simultaneously listening and viewing instead of listening only? Yes/No

4. Was there any difficulty in listening while seeing the projected pictures? Yes/No

5. If so, what were they?
6. Of the pictures you viewed, some were in colour and others in black and white. Which type of pictures would you like to see if permanent arrangement is provided for showing pictures?
7. How do you feel about having pictures of big size printed on papers instead of projected pictures?
8. Have you anything more to say on listening and seeing pictures at a time?

Use of Model

1. During listening to the programme on "Human Skeleton and Its Movement", the teacher was pointing to different parts by placing the skeleton before you. There was no slide on this programme. Do you think this helped you in understanding the programme? Yes/No
2. If so, in what way?
3. Do you think you could have benefitted more if different parts of the skeleton were presented through pictures? Yes/No

Work Book

1. While listening to programmes on "George Bernard Shaw" and "Human Skeleton" you were given some written questions to answer during listening. They were in a sequence and you were answering them by listening from the radio. What is your opinion on this type of question answer during listening?
2. How were you benefitted by this?
3. Did you face any difficulties while listening and simultaneously writing the answers to the questions? Yes/No
4. If so, what were they?
5. How different were other programmes from these types of programmes?

Class Arrangement

1. The class arrangement for listening was different from that of your regular classroom arrangement. Did you like this type of arrangement? Yes/No
2. By this arrangement, was it convenient to listen and view the pictures? Yes/No
3. What is your opinion on the placement of radio and the pictures at the time of listening?
4. Was it more convenient for discussion? Yes/No

Writing During Listening

1. You must have remembered that you were asked to write the main points of broadcast while listening to them. In some cases, these points were discussed after listening. In some cases, it was not possible to discuss. Were you benefitted by writing these points? Yes/No
2. If so, in what way?
3. Do you think that these points should be discussed always after the listening? Yes/No
4. Did you read these points again at home? Yes/No
5. Did you miss some points of the broadcast while writing? Yes/No
6. Do you think that your listening the programmes could have been better had there been no such writing? Yes/No

Role of the Teacher

1. At the time of listening, your teacher was pointing to some parts of the pictures with the help of a pointer. Did this enable you to understand the subject matter better? Yes/No
2. What else could be done during this time?

Voice

1. While listening to different programmes you have heard with male and female voices. Which one was liked by you more?
   Femâle/ Male
2. In which voice (male or female) you would like to listen more programmes? Female/Male
3. Did the participants in different programmes speak very fast?
   Yes/No
4. Were they very slow? Yes/No
5. What is your opinion on the voice of the student participants?
6. What is your opinion on the participation of only students instead of both teachers and students?

## Section-III
## Post Broadcast Session

After listening to a programme, your teacher was discussing with you about the topic of broadcast. Sometimes he was also taking you for a discussion outside the classroom. In some cases, you were asked to play some roles in the classroom. In some other cases an experienced person was invited to discuss with you.

Were you really benefitted from this?

Yes/No

Discussion

1. You were given the freedom to ask questions to your teacher for clarifying your doubts and enquire about new things. Were you able to utilise this opportunity? Yes/No
2. How were you benefitted by this?
3. During discussion, if somebody was given an incorrect answer, it was rectified and the right answer was conveyed to you. Were you been benefitted by this? Yes/No
   If yes, in what way?
   If no, why not?

4. You might not have been able to participate in the discussion in all the programmes? What is the reason?
5. Do you think that discussion is nothing but an waste of time? Why? Yes/No
6. After the discussion in the class, do you again discuss this subject-matter with your friends while going back to home, coming to the school or at any other time? Yes/No
   If so, why? but your friends must have.
7. In some discussions, you might not have participated. How were you benefitted by this?

Team Teaching

You must have remembered that after listening to a programme, two of your teachers were discussing the subject-matter. At the end of the discussion, you were asked some questions and also some questions were asked by you. After listening to the arguments of your teachers either you had understand the subject-matter or you were confused.

1. Which of these two happened in your case?
2. Instead of two teachers, one could have done the samething.
   (a) Which will you like? One/Two
   (b) Why?
3. What is your opinion on this approach?

Field Trip

After the lesson on "Fruit from Flower", your science teacher took you to the school garden and discussed various aspects.

1. How were you benefitted by this?
2. On arrangements of trips of this kind after studying different topics, what is your opinion?

Role Playing

Some of your friends, after listening to "Bagala Baguli" and "Paribartan" played the roles of the different characters of these programmes in front of you.

1. Was this role playing situation enjoyable? Yes/No
2. That time, were you thinking to play the role of any such character? Yes/No
3. By this, were you benefitted in understanding the subject-matter? Yes/No
4. If so, in what way?

Quiz

After listening to programmes on "Some Important Industries" and "European Civilization", your teacher divided you into two groups. The teacher arranged a competition among you by asking some questions on the subject-matter of broadcast.

1. How did you like this competition?
2. Were all the points of the subject-matter discussed through this competition? Yes/No
3. How were you benefitted by this programme?
4. What is your opinion on this type of programme?

Guest Talk

After listening to the programme on "Moon - the Future Residence of Man" an experienced teacher was brought to your class. He tried to remove some of your doubts in connection with moon landing.

1. Did his discussion help you in some way? Yes/No
2. Did this arouse interest and curiosity in your mind to know more about the moon? Yes/No
3. Do you think that on different programmes, experienced persons like this, should be brought to the classroom? Yes/No

Home Task

After each programme you were told to read something on the topic at your home.

1. Did you feel the necessity of reading at home? Yes/No
2. Did you understand the subject-matter in a better way by reading at home? Yes/No
3. Do you feel that by reading at home you performed well in the tests? Yes/No
4. Was there any hindrance in the study of other subjects by this home work?
5. What is your opinion on this type of home work?

Re-Projection of Pictures

Most of the times you were requesting to see the pictures again which you saw at the time of listening. On many occasions those were shown to you.

1. By showing the pictures again, were you benefitted? Yes/No
2. If so, in what way were you benefitted?
3. What is your opinion on this reprojection of pictures?

Other Questions

Time:

1. Everyday, you listened to school broadcast programme at 12-30 p.m. Was this time convenient to you? Yes/No
   (a) If yes, why?
   (b) If not, why not?
   (c) Which time will be most convenient to you?
2. A programme was broadcast for 20 minutes. Was this time sufficient for you? Yes/No
3. What is your opinion on broadcasting this programme for more than 20 minutes?
4. You listen to the programme only once a week. Is it enough for you? Yes/No

5. How many times this programme should be there during a week?
6. What is your opinion on the teaching of all the subjects through radio?

The Test

You were appearing a test on the day after listening to a programme. The types of tests were different from your school tests.

1. Do you think you were benefitted by this test? Yes/No
2. If yes, in what way?
3. What is your opinion on the size and style of the tests?
4. What is your opinion on having this type of test on every programme throughout the year?

Your Absence

Due to some reason or other you might not have listened to some programmes.

1. Do you think you have missed those programmes?
2. After going through this new way of utilization of school broadcast programmes do you feel satisfied or you feel there is nothing new in it?
3. If you have anything more to say on this new way of utilization of school broadcast programme, please write below.

Thank you.